## ସଂକ୍ଷେପରେ

### କମଳ ସଭାପତି, ସୁରେଶ ସମ୍ପାଦକ

**ଢେଙ୍କାନାଳ, ୧୩।୮ (ରତନ ନାୟାର):** ଢେଙ୍କାନାଳ ରଥଗଡ଼ାସ୍ଥିତ ଶ୍ରୀଦଧିବାମନ ଜୀଉ ମଠ ପ୍ରାଙ୍ଗଣ ଭାଗବତ ମଣ୍ଡପଠାରେ ଜିଲା ବନ୍ଧୁକଧାରୀ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ କମଳ ମିଶ୍ର, ଉପସଭାପତି ରଞ୍ଜନ କୁମାର ସାହୁ, ସମ୍ପାଦକ ସୁରେଶ ବ୍ରହ୍ମ, ସହ ସମ୍ପାଦକ ମହେଶ୍ୱର ସାମଲ, କୋଷାଧ୍ୟକ୍ଷ ଭାବେ ଗିରୀଶ ଚନ୍ଦ୍ର ସାମଲଙ୍କୁ ଚୟନ କରାଯାଇଛି। ସଂଘର ନାମ 'ଢେଙ୍କାନାଳ ଜିଲା ବାଜି ରାଉତ ବନ୍ଧୁକଧାରୀ ସଂଘ' ରଖାଯାଇଥିବାବେଳେ ଖୁବ୍‌ଶୀଘ୍ର ଏହାକୁ ପଞ୍ଜୀକରଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସଭ୍ୟ ପ୍ରଶାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

### ୧୦୯ ପ୍ରକଳ୍ପ ପ୍ରଦର୍ଶିତ

**ଢେଙ୍କାନାଳ, ୧୩।୮ (ରତନ ନାୟାର)**

ଢେଙ୍କାନାଳ ଜିଲା ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ରବିବାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି।



ବାବୁଚାନ୍ଦ ମହାଳିକଙ୍କ ସଭାପତିତ୍ୱରେ ସଙ୍କୁଳ ପ୍ରମୁଖ ବିଶ୍ୱନାଥ ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୯ଟି ବିଦ୍ୟାଳୟର ୧୯୭ ଛାତ୍ରୀଛାତ୍ର ୧୦୯ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସଂଘ ଜିଲା ପ୍ରଚାରକ ବାସୁଦେବ ସାହୁ, କୋଷାଧ୍ୟକ୍ଷ ସନ୍ତୋଷ ପରିଡ଼ା, ସଙ୍କୁଳ ବିଭାଗ ପ୍ରମୁଖ ବସନ୍ତ ନାୟକଙ୍କ ଉପସ୍ଥିତିରେ ପୁରସ୍କାର ବିତରଣ ହୋଇଥିଲା।

### ଉତ୍କଳ ସମ୍ମିଳନୀ ଶାଖା ପୁନର୍ଗଠିତ

**ଢେଙ୍କାନାଳ, ୧୩।୮ (ରତନ ନାୟାର)**

ଢେଙ୍କାନାଳ ଜିଲା ଉତ୍କଳ ସମ୍ମିଳନୀ ଜିଲା ଶାଖା ପୁନର୍ଗଠିତ ହୋଇଛି। ସଭାପତି ଭାବେ ଡ. ଅକ୍ଷୟ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଡ. ପ୍ରମୋଦ ନାୟକ, ଉପସଭାପତି ଆଇନଜୀବୀ ବିକାଶ ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରଶାନ୍ତ ନନ୍ଦ, କୋଷାଧ୍ୟକ୍ଷ ଆଇନଜୀବୀ ଦିଲୀପ ମଲ୍ଲିକ, କାର୍ଯ୍ୟକାରୀ ସଦସ୍ୟ ବିଦ୍ୟାଧର ବାରିକ, ଶିଶିର କୁମାର ସାହୁ, ଦଣ୍ଡପାଣି ଦାସ, ଘନଶ୍ୟାମ ସାହୁ, ପଙ୍କଜ ଲୋଚନ ସାହୁ, ମୁରଲୀଧର ବେହେରା, ଅଶୋକ ପାତ୍ର, ଅଭିମନ୍ୟୁ ଖିଲାର ମନୋନୀତ ହୋଇଛନ୍ତି। ବିନୟ ପାତ୍ରଙ୍କୁ କାର୍ଯ୍ୟାଳୟ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ମୁଖ୍ୟ ଉପଦେଷ୍ଟା ଭାବେ ବସନ୍ତ କୁମାର ତ୍ରିପାଠୀ, ଉପଦେଷ୍ଟା ଭାବେ ରବିନାରାୟଣ ମହାନ୍ତି, ଅମିୟ କୁମାର ରଥଙ୍କୁ ମନୋନୟନ କରାଯାଇଛି। ୭୭ତମ ସ୍ୱାଧୀନତା ଦିବସରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ସଭାପତି ବସନ୍ତ କୁମାର ତ୍ରିପାଠୀ, ଜିଲା ଶାଖା କାର୍ଯ୍ୟାଳୟ ବସନ୍ତ ବିହାରଠାରେ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ନିଷ୍ପତ୍ତି ହୋଇଛି।

# ଭରସା ଭାଙ୍ଗୁଛି

- ଭୁବନ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନାହିଁ ଗୁଣାତ୍ମକ ସେବା
- ଖାଲି ପଡ଼ିଛି ୪ ବିଶେଷଜ୍ଞ, ୪ ଡାକ୍ତର ପଦବୀ
- ହନ୍ତସନ୍ତ ହେଉଛନ୍ତି ୨ ଜିଲାର ରୋଗୀ



**ଡାକ୍ତର ଆସିନାହାନ୍ତି। ଟେକ୍ନିସିଆନ ଛୁଟିରେ ଅଛନ୍ତି। ମେଶିନ କାମ କରୁନାହିଁ। ପରୀକ୍ଷା ହୋଇପାରିବ ନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରରେ ପାଦ ରଖିଲେ ଆଶ୍ୱାସନା ମିଳିବା ବଦଳରେ ମିଳୁଛି ଏଭଳି ନାସ୍ତିବାଣୀ। ଲମ୍ବାଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିବା ରୋଗୀ, ସମ୍ପର୍କୀୟଙ୍କ ଧୈର୍ଯ୍ୟ ଭାଙ୍ଗୁଛି। ଅନେକ ସମୟରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହ ମୁହାଁମୁହିଁ ପରିସ୍ଥିତି ଉପୁଜୁଛି। ବିଶେଷଜ୍ଞ, ଡାକ୍ତର, କର୍ମଚାରୀ ଏବଂ ଆନୁଷଙ୍ଗିକ ଭିତ୍ତିଭୂମି ଅଭାବରୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ୨ ଜିଲାର ରୋଗୀଙ୍କ ଭରସା ତୁଟିବାରେ ଲାଗିଛି।**

**ଭୁବନ, ୧୨।୮ (ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟସେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। କେବଳ ଭୁବନ ବ୍ଲକ କିମ୍ବା ଏନ୍‌ଏସି ନୁହେଁ, ଏହା ଉପରେ ନିର୍ଭର କରନ୍ତି ସୀମାନ୍ତ ଯାଜପୁର ଜିଲାର ରୋଗୀ। ତେବେ ବିଶେଷଜ୍ଞ ଡାକ୍ତର ଏବଂ ସହାୟକ କର୍ମଚାରୀଙ୍କ ଅଭାବରୁ ଏବେ ଏଠାରେ ଗୁରୁତର ସଙ୍କଟ ସୃଷ୍ଟି ହୋଇଛି। ଫଳରେ ରୋଗ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଆରୋଗ୍ୟ ହେବା ବଦଳରେ ରୋଗ ନେଇ ଘରକୁ ଫେରୁଥିବା ଅଭିଯୋଗ ହେଉଛି।

ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଭୁବନ ଏନ୍‌ଏସିର ୧୫ ୱାର୍ଡ, ବ୍ଲକର ୧୮ ପଞ୍ଚାୟତ ମଧ୍ୟରୁ ୧୩ଟି, ଗଁଦିଆ ବ୍ଲକ, ଏଥିସହ ସୀମାନ୍ତ ଯାଜପୁର ଜିଲାର ଖଣି ପ୍ରଭାବିତ ସୁକିନ୍ଦା, ହରିପୁର, ରାଜଗୋଲା, ହାତୀବାରି ଆଦି ଅଞ୍ଚଳର ରୋଗୀ ନିର୍ଭର କରୁଛନ୍ତି। ଦୈନିକ ରୋଗୀସଂଖ୍ୟା ୩୦୦ ଟପିଲାଣି। ତନ୍ମଧ୍ୟରୁ ଅଧିକାଂଶ ଦୁର୍ଘଟଣାଗ୍ରସ୍ତ। ହେଲେ ସେମାନଙ୍କୁ ମିଳିପାରୁନାହିଁ ଜରୁରୀ ଚିକିତ୍ସା। ଏଠାରେ ମୋଟ ୧୩ ଡାକ୍ତର ଓ ବିଶେଷଜ୍ଞ ପଦବୀ ମଧ୍ୟରୁ ୫ଟି ପୂରଣ ହୋଇଛି। ୮ ଡାକ୍ତରଙ୍କ ସ୍ଥାନରେ ୪ ଏବଂ ୪ ବିଶେଷଜ୍ଞ ବଦଳରେ ଜଣକରେ କାମ ଚାଲିଛି। କେବଳ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ପଦବୀ ପୂରଣ ହୋଇଥିବାବେଳେ ଭେଷଜ, ଅସ୍ଥିଶଲ୍ୟ, ଶିଶୁରୋଗ, ଦନ୍ତରୋଗ ବିଶେଷଜ୍ଞ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼ିଛି। ଫଳରେ ରୋଗ ଭଲ ହେବା ଆଶା ନେଇ ଆସୁଥିବା ରୋଗୀ ଗୁଣାତ୍ମକ ସେବା ମିଳିପାରୁ ନ ଥିବା ଅଭିଯୋଗ ହେଉଛି। କେବଳ ଏତିକି ନୁହେଁ, ସାମାନ୍ୟ ଗୁରୁତର ରୋଗୀଙ୍କୁ ଜିଲା ଚିକିତ୍ସାଳୟକୁ ରେଫର କରିଦିଆଯାଉଛି।

ଏହାକୁ ବାଦ୍‌ଦେଲେ ଆନୁଷଙ୍ଗିକ ଭିତ୍ତିଭୂମି ମଧ୍ୟ ଅତ୍ୟନ୍ତ ଦୁର୍ବଳ। ଟେକ୍ନିସିଆନ ନ ଥିବାରୁ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଇସିଜି ମେଶିନରେ କଳଙ୍କି ଲାଗିଗଲାଣି। ଚିକିତ୍ସା ପ୍ରକୋଷ୍ଠ, ନିରାମୟ ଔଷଧ ବିତରଣ କେନ୍ଦ୍ରରୁ ପାଣି ଗଳୁଛି। ବର୍ଷା ହେଲେ ଡାକ୍ତରଖାନାରେ ଆଣ୍ଠୁଏ ଉଚ୍ଚତାର ପାଣି ଜମି ରହୁଛି। ମୃତଦେହ ବ୍ୟବଚ୍ଛେଦ ଗୃହ ଅଧିକାଂଶ ସମୟ ବନ୍ଦ ରହୁଛି। ମୃତକଙ୍କ ବ୍ୟବଚ୍ଛେଦ ପାଇଁ ଅନ୍ୟ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ସମ୍ପର୍କୀୟ ବାଧ୍ୟ ହେଉଛନ୍ତି। ନବନିର୍ମିତ କୋଭିଡ୍ ଡାକ୍ତରଖାନାରୁ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ତାହା କାମରେ ଲାଗୁନାହିଁ। କର୍ମଚାରୀଙ୍କ ପାଇଁ ଆବଶ୍ୟକ ସଂଖ୍ୟକ କ୍ୱାର୍ଟର୍ସ ନ ଥିବାରୁ ସେମାନେ ଘରଭଡ଼ା ନେଇ ରହୁଛନ୍ତି। ବିଦ୍ୟୁତ୍ କାଟ ହେଲେ ଅଚଳାବସ୍ଥା ସୃଷ୍ଟି ହେଉଛି। ଇନଭର୍ଟର, ଡିଜି କୌଣସି କାମରେ ଆସୁନାହିଁ।

ପ୍ରତିଥର ରୋଗୀ କଲ୍ୟାଣ ସମିତି ବୈଠକରେ ଦିଆଯାଉଥିବା ପ୍ରସ୍ତାବ ଫାଇଲ୍‌ରେ ସୀମିତ ହୋଇ ରହିଯାଉଛି। ଏ ନେଇ ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ବରିଷ୍ଠ ନାଗରିକମାନେ ଜିଲା ସ୍ୱାସ୍ଥ୍ୟ ବିଭାଗ, ଜିଲା ପ୍ରଶାସନର ପଦସ୍ଥ ଅଧିକାରୀ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଶିଳ୍ପ ଜିଲାର ସ୍ୱାସ୍ଥ୍ୟସେବା ଲାଗି ଅର୍ଥର ଅଭାବ ନ ଥିବା ଜନପ୍ରତିନିଧିମାନେ ଜୋର୍ ଦେଇ କହୁଥିବାବେଳେ ୨ ଜିଲାବାସୀ ନିର୍ଭର କରୁଥିବା ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନରେ ସ୍ୱାସ୍ଥ୍ୟସେବା ଫେଲ୍ ମାରିବା ଜନ ଅସନ୍ତୋଷ ତୀବ୍ର କରିଥିବାବେଳେ ବଡ଼ଧରଣର ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି ଅଞ୍ଚଳବାସୀ। ଏ ନେଇ ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡା. ରମେଶ ଚନ୍ଦ୍ର ସାହୁ କୁହନ୍ତି ସମସ୍ୟା ସମ୍ପର୍କରେ ବାରମ୍ବାର ଜିଲା ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ପ୍ରତିଶ୍ରୁତି ମିଳିଛି। ଆସ୍ତେ ଆସ୍ତେ ଏସବୁର ସମାଧାନ କରାଯିବ।

### ଅବ୍ୟବସ୍ଥା ନିରାଶ କରୁଛି



ଡାକ୍ତର ଅଭାବରୁ ଭୁବନ ଡାକ୍ତରଖାନାରେ ସମସ୍ୟା ହେଉଛି। ନିରାମୟ ଯୋଜନାରେ ମାଗଣାରେ ଔଷଧ ମିଳୁନାହିଁ। ଏଭଳି ଅନେକ ଅବ୍ୟବସ୍ଥା ରୋଗୀ, ସମ୍ପର୍କୀୟଙ୍କୁ ନିରାଶ କରୁଛି।

–ଦୁଃଶାସନ ସାହୁ, ମନ୍ଦାର, ଗଁଦିଆ ବ୍ଲକ

### ଧାଡ଼ିରେ ଠିଆ ହେବା ବାଧୁଛି



ଦେହର ରୋଗ ଧରି ମେଡିକାଲ ଆସିବାର କଷ୍ଟଠାରୁ ଧାଡ଼ିରେ ଛିଡ଼ା ହେବା ଆହୁରି ବାଧୁଛି। ଅନେକ ସମୟରେ ରୋଗ ଚିକିତ୍ସା ନ କରି ଫେରିବାକୁ ପଡୁଛି। କମ୍ ଡାକ୍ତର ଥିବାରୁ ଭରସା ତୁଟୁଛି।

–ସୋଲି ସେଠୀ, ନବନି ଗାଁ, କରମୂଳ ପଞ୍ଚାୟତ

### ଆମ୍ବୁଲାନ୍ସ ଇନ୍‌ସ୍ୟୁରାନ୍ସ ନାହିଁ

ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ସରକାରୀ ଆମ୍ବୁଲାନ୍ସର ଇନ୍‌ସ୍ୟୁରାନ୍ସ କିମ୍ବା କାଗଜପତ୍ର ଠିକ୍ ନାହିଁ। ତେଣୁ ଏହା ରୋଗୀସେବାରେ ନ ଲାଗି ପଡ଼ିରହିଛି। ଗୋଟିଏ ପଟେ ସରକାରୀ ଆମ୍ବୁଲାନ୍ସ ବ୍ୟବହାର କରାଯାଇ ପାରୁ ନ ଥିବାବେଳେ ଅନ୍ୟପଟେ ରୋଗୀ ଘରୋଇ ଆମ୍ବୁଲାନ୍ସରେ ଅଧିକ ଟଙ୍କା ଦେଇ ଅନ୍ୟତ୍ର ସ୍ଥାନାନ୍ତର ହେଉଛନ୍ତି। ଅନେକ ସମୟରେ ଆମ୍ବୁଲାନ୍ସ ଯୋଗାଡ଼ ହୋଇପାରୁ ନ ଥିବାରୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡୁଛି। ଠିକ୍ ସମୟରେ ମେଡିକାଲରେ ପହଞ୍ଚି ନ ପାରି ଅନେକ ସମୟରେ ରୋଗୀଙ୍କ ଜୀବନ ଯାଉଥିବା ନଜିର ରହିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମାତ୍ର ଗୋଟିଏ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିବା ବେଳେ ଏତେ ବଡ଼ ଅଞ୍ଚଳରୁ ରୋଗୀଙ୍କୁ ଆଣିବାରେ ସମସ୍ୟା ଉପୁଜୁଥିବା ଅଭିଯୋଗ ହୋଇଛି।

# ଦାରୁକା ବନର ପୁନରୁଦ୍ଧାର

**ଢେଙ୍କାନାଳ, ୧୩।୮ (ରତନ ନାୟାର)**

ଢେଙ୍କାନାଳ ସଦର ବ୍ଲକ ନାଗନା ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ନାଗେନାଥେଶ୍ୱର ମହାଦେବଙ୍କ ପୀଠ ନିକଟରେ ଥିବା ଦାରୁକା ବନର ପୁନରୁଦ୍ଧାର ରବିବାର ହୋଇଛି। ଶ୍ରୀନାଗେନାଥେଶ୍ୱର ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ଉକ୍ତ ସ୍ଥାନରେ ଚାରା ରୋପଣ କରାଯାଇଛି। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ, ଉତ୍ତରବାହୀ ଗଙ୍ଗା ନାମରେ ପରିଚିତ ବ୍ରାହ୍ମଣୀ ନଦୀ କୂଳରେ ଶ୍ରୀ ନାଗେନାଥେଶ୍ୱର ଜ୍ୟୋତିର୍ଲିଙ୍ଗ ଭାବେ ପୂଜା ପାଉଛନ୍ତି। ଏଭଳି ଏକ ପବିତ୍ର ସ୍ଥାନର ପ୍ରଚାର ପ୍ରସାର କରିବା ଲାଗି ବ୍ରାହ୍ମଣୀ ବନ୍ଦାଣ ଏବଂ ଶ୍ରୀ ନାଗେନାଥେଶ୍ୱର ମହୋତ୍ସବର ଆୟୋଜନ କରାଯାଉଛି। ଅଞ୍ଚଳବାସୀଙ୍କ ଭାବାବେଗ ସହ ଜଡ଼ିତ ଦାରୁକା ବନକୁ ସବୁଜିମାମୟ କରିବା ଲାଗି ସେଠାରେ ନିମ, ଜାମୁ, ପଣସ ଆଦି ଚାରା ରୋପଣ କରାଯାଇଛି।

ମୁଖ୍ୟ ଅତିଥି ଭାବେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଜିଲା ପରିଷଦ ସଦସ୍ୟା ପୂର୍ଣ୍ଣିମା ଦେହୁରୀ, ରାଜ୍ୟ କଳା ଓ ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦ ସଭାପତି ସୁଦାମ ଚନ୍ଦ୍ର ବେହେରା, ଉପସଭାପତି ଗୋପାଳଚନ୍ଦ୍ର ଦାସ, ବିକାଶ ରଥ, ବିଶ୍ୱଜିତ୍ ସାହୁ, ସର୍ବେଶ୍ୱର ବ୍ରହ୍ମ, ସମ୍ପାଦକ ଅଶୋକ ପଣ୍ଡା, ଜିମାଦାର ସୁଧୀର ପଣ୍ଡା, ଜଳଧର ବେହେରା, ଶ୍ରୀବତ୍ସ ଦାସ, ବିଶ୍ୱଜିତ୍ ସାହୁ, ଦୁର୍ଗାଚରଣ ମହାପାତ୍ର, ସାରଙ୍ଗଧର ମଲ୍ଲିକ, ପ୍ରଭାକର ଦେହୁରୀ, ଶିଶିର ପାଣି, କୃଷ୍ଣଚନ୍ଦ୍ର ପଣ୍ଡା, ଜଟାଧାରୀ ବେହେରା, ପବିତ୍ର ରାୟ, ବିକ୍ରମ ଗୋଛାୟତ, ସୁବାସ ସାହୁ, ସୌମ୍ୟରଞ୍ଜନ ମହାପାତ୍ର, ଦୁଃଖବନ୍ଧୁ ବିଶୋଇ, ସଞ୍ଜୟ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଆଞ୍ଚଳିକ ଉନ୍ନୟନ ପରିଷଦର ସଦସ୍ୟମାନେ।

### ୩୦ରେ କୁଲାଡ଼ ମହିମା ଟୁଙ୍ଗିରେ ନବାନ୍ନ

**ବଣ୍ଟଁରପାଳ, ୧୩।୮ (ଉପେନ୍ଦ୍ର ରାଉତ)**

ଅନୁଗୋଳ ଜିଲା ବଣ୍ଟଁରପାଳ ବ୍ଲକ କୁଲାଡ଼ସ୍ଥିତ ମହିମା ଟୁଙ୍ଗିରେ ମହାନିତ୍ୟ ମହିମା ସମାଜ ପକ୍ଷରୁ ଆସନ୍ତା ୨୯ ତାରିଖରୁ ଦୁଇଦିନ ଧରି ନବାନ୍ନ ଉତ୍ସବ ପାଳିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ୨୯ ତାରିଖରେ ବ୍ରହ୍ମଧୁନି ସ୍ଥାପନ ସହ ଅଖଣ୍ଡ ବତି ପ୍ରଜ୍ୱଳନ କରାଯିବ। ୩୦ ତାରିଖରେ ନବାନ୍ନ ଉତ୍ସବ ପାଳିତ ହେବ। ବିଶ୍ୱ ମଙ୍ଗଳ କାମନା କରି ଶୂନ୍ୟଦିଅଁଙ୍କ ଉପାସନା କରାଯିବ। ପ୍ରାତଃ ସମୟରେ ନୂଆଧାନରୁ ପ୍ରସ୍ତୁତ ଚୁଡ଼ା ଅନ୍ୟାନ୍ୟ ସାମଗ୍ରୀରେ ନବାନ୍ନ ପ୍ରସ୍ତୁତ କରି ଭିକ୍ଷା ମଣ୍ଡପରେ ଅର୍ପଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। କାର୍ତ୍ତିକ ସେଠଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପରେଶ ଚନ୍ଦ୍ର ଜେନା, ବୈରାଗୀ ସେଠ, ରାଜେଶ ଜେନା, ପ୍ରେମାନନ୍ଦ ସେଠ, ଗଙ୍ଗାଧର ସେଠ, କରୁଣାକର ସେଠ, ରବି ବାବା, ବନମାଳୀ ସେଠ, ପ୍ରକାଶ ଜେନା, ପୃଥ୍ୱୀରାଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଢେଙ୍କାନାଳ ଗଣେଶ ବଜାର ରାସ୍ତାପାର୍ଶ୍ୱରେ ରବିବାର ଝିପିଝିପି ବର୍ଷାରେ ଜଣେ ଯୁବକ ତ୍ରିରଙ୍ଗା ପତାକା ବିକ୍ରି କରୁଛନ୍ତି। **(ଫଟୋ–ରତନ)**

# ୬୦ ଅନ୍ତେବାସୀ ଖାଇଲେ ଫାଇଲେରିଆ ଔଷଧ

**ଢେଙ୍କାନାଳ, ୧୩।୮ (ରତନ ନାୟାର)**

ଢେଙ୍କାନାଳ ସହର ବାଇପାସ୍‌ସ୍ଥିତ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ୬୦ ଛାତ୍ରୀଛାତ୍ରଙ୍କୁ ରବିବାର ଫାଇଲେରିଆ ନିରାକରଣ ଔଷଧ ବଣ୍ଟନ କରାଯାଇଛି। ସକାଳ ଜଳଖିଆ ଖାଇ ସାରିବା ପରେ ଅନ୍ତେବାସୀଙ୍କୁ ଔଷଧ ଦିଆଯାଇଥିଲା। ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ସହକାରୀ ଭେକ୍ଟର ବାହିତ ରୋଗ ନିରାକରଣ ଅଧିକାରୀ ଡାକ୍ତର ହିମାଂଶୁ ଶେଖର ହେମ୍ବ୍ରମ୍, ଜିଲା ଏନ୍‌ଜିଓ ପରାମର୍ଶଦାତା ଅମିୟ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନା କମିଟି କୋଷାଧ୍ୟକ୍ଷ ଆଇନଜୀବୀ ମଳୟ ପାଣିଗ୍ରାହୀ, ସଭ୍ୟ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ଶିକ୍ଷକ ସରୋଜ ସାମଲ, କର୍ମଚାରୀ ଶରତ ଗୋଛାୟତ, ବଳରାମ ସାହୁ, ସିଦ୍ଧେଶ୍ୱର ପଣ୍ଡା, ଛାତ୍ରୀନିବାସ ତତ୍ତ୍ୱାବଧାରିକା ଶୁଭଲକ୍ଷ୍ମୀ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ପୌରସଂସ୍ଥା ଦାୟିତ୍ୱରେ ଥିବା ଇଡିଅଟ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଓ ଅନ୍ୟମାନେ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଜଣେ ଛାତ୍ରୀଙ୍କୁ ଔଷଧ ବଣ୍ଟନ କରାଯାଉଛି।

# ପାଣି ଥାଇ ଜମି ପଡ଼ିଆ

- ସାପୁଆ ଜଳ ପରିଚାଳନାରେ ତ୍ରୁଟି
- ମରିଗଲାଣି ତଳି, ଚିନ୍ତାରେ ଚାଷୀ
- ତୀବ୍ର ହେବାରେ ଲାଗିଛି ଅସନ୍ତୋଷ

**ରାସୋଳ, ୧୩।୮ (ସରୋଜ ମିଶ୍ର)**



ତଳି ପକାଯାଉଥିବା ଜମି ଶୁଖିଲା ପଡ଼ିଛି।

ଲଘୁଚାପଜନିତ ଲଗାଣ ବର୍ଷା ପରେ ଭର୍ତ୍ତି ହୋଇଛି ଡ୍ୟାମ୍। ମୋଟ ଜଳଧାରଣ କ୍ଷମତାର ୭୮% ପାଣି ମହଜୁଦ ଅଛି। ହେଲେ ଠିକ୍ ସମୟରେ ଗେଟ୍ ଖୋଲାଗଲାନାହିଁ କି ପାଣି ଛଡ଼ାଗଲାନାହିଁ। ଫଳରେ ଯେଉଁ ସମୟରେ ରୁଆ ବେଉଷଣ ଶେଷ ହେବା କଥା, ସେହି ସମୟରେ ତଳି ଉପାଡ଼ିବା ପାଇଁ ଜମିରେ ଜଳ ନାହିଁ। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଦଣ୍ଡିରିସ୍ଥିତି ସାପୁଆ କ୍ଷୁଦ୍ର ସେଚ ପ୍ରକଳ୍ପରେ ଜଳ ପରିଚାଳନାରେ ଏଭଳି ବିଭ୍ରାଟ ଯୋଗୁ ଚଳିତବର୍ଷ କେନାଲ ତଟବର୍ତ୍ତୀ ଜମି ପଡ଼ିଆ ପଡ଼ିଥିବାବେଳେ ଖରିଫ୍ ଚାଷ ଉଜୁଡ଼ିଯିବା ଆଶଙ୍କା ଦେଖାଦେଇଥିବା ଚାଷୀ ଅଭିଯୋଗ କରିଛନ୍ତି।

ହିନ୍ଦୋଳ ବ୍ଲକର ରାସୋଳ, ଦଣ୍ଡିରି, କୁନୁଆ, ବୁହାଳିପାଳ, କଳିଙ୍ଗା, ନୂଆବଗ ପଞ୍ଚାୟତର ଚାଷୀଙ୍କ ଜଳସେଚନର ପ୍ରମୁଖ ମାଧ୍ୟମ ସାପୁଆ କ୍ଷୁଦ୍ର ସେଚ ପ୍ରକଳ୍ପ। ୮୫୦ ହେକ୍ଟରରେ ପରିବ୍ୟାପ୍ତ ଏହି ଡ୍ୟାମ୍ ମାଧ୍ୟମରେ ପ୍ରାୟ ୨୪୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ରହିଛି। ବିଶେଷ କରି ଖରିଫ୍ ଚାଷ ସମୟରେ ଚାଷୀ ଡ୍ୟାମ୍ ପାଣି ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାଆନ୍ତି। ଚଳିତବର୍ଷ ମୌସୁମୀର ଲୁଚକାଳି ଯୋଗୁ ରାସୋଳ ଅଞ୍ଚଳରେ ଆବଶ୍ୟକ ପରିମାଣର ବର୍ଷା ହୋଇ ନ ଥିବାରୁ ଆଗୁଆ ପାଣି ଛାଡ଼ିବା କଥା। ହେଲେ ଡ୍ୟାମ୍ କର୍ତ୍ତୃପକ୍ଷ ପ୍ରାୟ ସପ୍ତାହେ ପରେ ଗତ ୩ଦିନ ତଳେ ପାଣି ଛାଡ଼ିଛନ୍ତି। ତଥାପି ରବିବାର ସୁଦ୍ଧା ତଳମୁଣ୍ଡରେ ପାଣି ପହଞ୍ଚିପାରିନାହିଁ। ତେଣୁ ରୁଆ ବେଉଷଣ ଆଗେଇ ପାରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ନାଉକିଆରୀର କାଳିଆ ପ୍ରଧାନ, ଦଣ୍ଡଧର ବିଶ୍ୱାଳ, କୁନୁଆର କିର୍ଲୋସ୍କର ରାଉତ, କୃଷ୍ଣ ସାମଲ, ବାଙ୍କଟିଆର ନରେଶ ଚନ୍ଦ୍ର ପାଳ, ରଘୁନାଥ ପାଳ ପ୍ରମୁଖ ଅଭିଯୋଗ କରିଛନ୍ତି, ୨୦ଦିନ ହେଲା ବର୍ଷା ନାହିଁ। ପାଣି ଅଭାବରୁ ଚାଷ କାର୍ଯ୍ୟ ବନ୍ଦ ହୋଇଯାଇଛି। ଅଧାରୁ ଅଧିକ ଜମି ପଡ଼ିଆ ପଡ଼ିଛି। ବିଭାଗୀୟ ଅଧିକାରୀ ଓ ଜଳ ପରିଚାଳନା ଦାୟିତ୍ୱରେ ଥିବା ପାଣି ପଞ୍ଚାୟତର ଅବହେଳା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଯଦି ଡ୍ୟାମରେ ପାଣି ଥାଇ ଚାଷୀ ପାଇବେ ନାହିଁ, ତେବେ ଜଳସେଚନ ପ୍ରକଳ୍ପ କାହାସ୍ୱାର୍ଥରେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏ ନେଇ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିବେ ବୋଲି ସମ୍ପୃକ୍ତ ଚାଷୀମାନେ ଚେତାବନୀ ଦେଇଛନ୍ତି।

ଏ ସଂକ୍ରାନ୍ତରେ ସାପୁଆ ପାଣି ପଞ୍ଚାୟତ ଅଧ୍ୟକ୍ଷ ପ୍ରେମାନନ୍ଦ ପଟ୍ଟନାୟକ କୁହନ୍ତି, ପାଣି ଛଡ଼ାଯାଇଛି। ଏତେ ବ୍ୟସ୍ତ କାହିଁକି। ପାଣି ପହଞ୍ଚିବ ବୋଲି କହି ସେ ପ୍ରସଙ୍ଗ ଏଡ଼ାଇ ଯାଇଥିଲେ। ସାପୁଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ସହକାରୀ ଯନ୍ତ୍ରୀ ଦିବାକର ବେହେରା କୁହନ୍ତି, ୩ଦିନ ହେଲା ପାଣି ଛଡ଼ାଗଲାଣି।

### ବର୍ଷାଦିନେ ବୁଦାକଟା

ବଣବୁଦାରେ ଭର୍ତ୍ତି ହୋଇଛି ସାପୁଆ କେନାଲ। ଖରାଦିନେ ଏହାର ସଫେଇ କରାଯିବା କଥା। ହେଲେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଭୁଲି ଯାଇଥିଲେ ବିଭାଗୀୟ କର୍ତ୍ତୃପକ୍ଷ। ଏବେ ବର୍ଷାଦିନେ ପାଣି ଛଡ଼ାଯାଇଥିବାବେଳେ ଅରଣ୍ୟ ରୂପ ଧାରଣ କରିଥିବା କେନାଲ ତଳମୁଣ୍ଡରେ ପାଣି ପହଞ୍ଚିପାରୁନାହିଁ। ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାପରେ ଏବେ ତରବରିଆ ଭାବେ କେନାଲରୁ ବୁଦା କଟାଯାଉଛି, ଯାହା ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



କେନାଲ ସଫେଇ କରାଯାଉଛି।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ଚାଷୀ ମୃତ

**କଣିହାଁ, ୧୩।୮ (ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତ ଘଣ୍ଟିଆନାଳୀ ଗ୍ରାମର ରମେଶ ସାହୁଙ୍କ ସ୍ତ୍ରୀ ସଉଜ ସାହୁ (୫୫)ଙ୍କ ରବିବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ଶୁକ୍ରବାର ଅପରାହ୍ନରେ ଜମିକୁ ଯାଉଥିବାବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ତେବେ ଏହାକୁ ସେ ହାଲୁକା ଭାବେ ନେଇଥିଲେ। ଶନିବାର ଅପରାହ୍ନରେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ମୋବାଇଲ ଚୋରି, ଯୁବକ ଗିରଫ

**କଣିହାଁ, ୧୩।୮ (ସଚ୍ଚିଦାନନ୍ଦ ପ୍ରଧାନ)**

ମୋବାଇଲ ଚୋରି କରିବା ଅଭିଯୋଗରେ କଣିହାଁ ଥାନା ପୋଲିସ ଯାଜପୁର ଜିଲା ଯଖପୁରା ଥାନା ଦଶମାଣିଆ ଗ୍ରାମର ଆକାଶ ପ୍ରଧାନ (୧୯)ଙ୍କୁ ଗିରଫ କରିଛି। ଥାନା ଆଇଆଇସି କିଶୋର କୁମାର ସାମଲ କହିଛନ୍ତି, କଣିହାଁ ସାପ୍ତାହିକ ହାଟରୁ କଂସମୁଣ୍ଡା ଗ୍ରାମର ଅଜୟ ସାହୁଙ୍କ ମୋବାଇଲ ଚୋରି କରିବା ବେଳେ ଆକାଶ ଧରାପଡ଼ିଥିଲେ। ଅଜୟଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୮୧/୨୩ରେ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ବାଇକ୍ ଧକ୍କାରେ ଲୁନା ଚାଳକ ଗୁରୁତର

**ଛେଣ୍ଡିପଦା, ୧୩।୮ (ଅଜିତ ଧଳ)**

ଛେଣ୍ଡିପଦା ଥାନା ବଡବେରେଣା ଗ୍ରାମ ନିକଟରେ ବାଇକ୍ ଧକ୍କାରେ ବାହାଳସାହି ଗ୍ରାମ ମାଝି ଗୁହିରାପଶିର ବିଦ୍ୟାଧର ସାହୁ ଗୁରୁତର ହୋଇଛନ୍ତି। ବିଦ୍ୟାଧର କମ୍ପସଲା ଗ୍ରାମରୁ ଲୁନାରେ ଘରକୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କ ଡାହାଣ ପଟ ଅଣ୍ଟାରୁ ଗୋଡ଼ର ହାଡ଼ ଅଲଗା ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଭଣଜା ବିରୋଧରେ ଥାନାରେ ମାଈଁ

**ଛେଣ୍ଡିପଦା, ୧୩।୮ (ଅଜିତ ଧଳ)**

ଛେଣ୍ଡିପଦା ଥାନା କୋଶଳା ଗ୍ରାମର ବାରି ସାହୁ ତାଙ୍କ ଭଣଜା ବାସୁ ସାହୁଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମହିଳାଙ୍କ ଅଭିଯୋଗକ୍ରମେ ନଂ. ୩୩୯/୨୩ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ଅଭିଯୋଗ ଅନୁଯାୟୀ, ବାରିଙ୍କ ସ୍ୱାମୀଙ୍କ ଦୀର୍ଘ ୧୨ ବର୍ଷ ହେଲା ଦେହାନ୍ତ ହୋଇଯାଇଛି। ବାରିଙ୍କ ପାଖରେ ତାଙ୍କ ଝିଅ ଜ୍ୱାଇଁ ରହୁଛନ୍ତି। ଏହାକୁ ବାସୁ ବିରୋଧ କରି ଆସୁଛନ୍ତି। ଘରକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟ କରୁଛନ୍ତି। ହତ୍ୟା ଧମକ ମଧ୍ୟ ଦେଉଛନ୍ତି। ବୃଦ୍ଧା ବୟସରେ ଭଣଜାଙ୍କ ନିର୍ଯାତନା ସହି ନ ପାରି ବାରି ଥାନାର ଦ୍ୱାରସ୍ଥ ହୋଇ ପୋଲିସକୁ ନ୍ୟାୟ ମାଗିଛନ୍ତି।

### ଯୁବତୀଙ୍କୁ ହତ୍ୟା ଧମକ ଅଭିଯୋଗ

**ଛେଣ୍ଡିପଦା, ୧୩।୮ (ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ବାଗଡ଼ିଆ ଥାନା ବାମନାଳୀ ଗ୍ରାମରେ ଜଣେ ଯୁବତୀଙ୍କୁ ହତ୍ୟା ଧମକ ଦିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୧୪୫/୨୩ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ବାମନାଳୀ ଗ୍ରାମର ରାଜଲତା ଅମ୍ବିକାଙ୍କ ସମେତ ଅନ୍ୟ କେତେଜଣ ହିତାଧିକାରୀ ସୋକ୍‌ପିଟ୍ ଏବଂ କମ୍ପୋଷ୍ଟ ପିଟ୍ ନିର୍ମାଣ କରିଥିଲେ। ସେମାନଙ୍କୁ ସମ୍ପୂର୍ଣ୍ଣ ଅର୍ଥରାଶି ମିଳି ନ ଥିଲା। ଏ ନେଇ ସେମାନେ ବିଭାଗୀୟ ଗୋଷ୍ଠୀ ସହାୟିକା ଲିତା ମାଝିଙ୍କୁ ଜଣାଇଥିଲେ। ହେଲେ କୌଣସି ସୁଫଳ ମିଳି ନ ଥିଲା। ପରେ ସେମାନେ ଏ ସଂକ୍ରାନ୍ତରେ ପଞ୍ଚାୟତ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଗୋଷ୍ଠୀ ସହାୟିକା ଅଭିଯୋଗକାରୀ ମହିଳାଙ୍କୁ ବଳକା ପ୍ରାପ୍ୟ ପ୍ରଦାନ କରିଥିଲେ। ତେବେ ଗୋଷ୍ଠୀ ସହାୟିକା ଲିତାଙ୍କୁ ବଡାଶିଖା କରୁଥିବା ନେଇ ତାଙ୍କ ଶାଶୁ ରାଜଲତାଙ୍କୁ ଆକ୍ଷେପ କରି କହିଥିଲେ। ଏପରି କି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ନେଇ ରାଜଲତା ବାଗଡିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ହୀନସ୍ତା କରୁଛି ହନୁ



ହନୁ ମାଙ୍କଡ଼ଟି ଜଣେ ସ୍କୁଟି ଆରୋହୀଙ୍କ ଗାଡ଼ିରେ ଚଢ଼ିଯାଇଛି।

**କାମାକ୍ଷାନଗର, ୧୩।୮ (ସୁଧୀର ପରିଡ଼ା)**

ଏକ ହନୁ ମାଙ୍କଡ଼ ପାଇଁ ଢେଙ୍କାନାଳ ଜିଲା କାମାକ୍ଷାନଗର ସହରରେ କିଛିଦିନ ହେଲା ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି। ଖାଦ୍ୟ ଅନ୍ୱେଷଣରେ ପଲରୁ ଅଲଗା ହୋଇ ସହରକୁ ଚାଲି ଆସିଥିବା ଉକ୍ତ ହନୁ କେତେବେଳେ ପଥଚାରୀଙ୍କ ଉପରେ ଚଢ଼ିଯାଉଛି ତ ଆଉ କେବେ ବାଇକ୍ ଆରୋହୀଙ୍କ ଗାଡ଼ିରେ ଘଣ୍ଟା ଘଣ୍ଟା ଧରି ବସିରହୁଛି। ବ୍ୟବସାୟିକ ପ୍ରତିଷ୍ଠାନ ଆଗରେ ବସି ରହି ଗ୍ରାହକଙ୍କୁ ଖାଦ୍ୟ ମାଗୁଛି। ଖାଇବାକୁ ନ ଦେଲେ କାମୁଡ଼ିବାକୁ ଗୋଡ଼ାଉଛି। ଫଳରେ ବିଭିନ୍ନ ଜରୁରୀ କାର୍ଯ୍ୟରେ ଘରୁ ବାହାରିଥିବା ଲୋକେ, ଦୋକାନକୁ ଆସିଥିବା ଗ୍ରାହକ, ବାଇକ୍ ଆରୋହୀ ହଇରାଣ ହରକତ ହେଉଛନ୍ତି। ଯଦିଓ ହନୁ ଆକ୍ରମଣରେ ଅଦ୍ୟାବଧି କେହି ଗୁରୁତର ହୋଇନାହାନ୍ତି, ତଥାପି ତାହାର ଏଭଳି ବ୍ୟବହାର ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଛି। ବନ ବିଭାଗ ତୁରନ୍ତ ହନୁଟିକୁ ଧରି ଅନ୍ୟତ୍ର ଛାଡ଼ିବା ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ ବନବିହାରୀ ସର୍ଦ୍ଦାର କୁହନ୍ତି, ଉକ୍ତ ଗୋଟିକିଆ ହନୁ କିଛିଦିନ ହେଲା ଅନ୍ୱେଷଣରେ ସହରକୁ ପଳାଇ ଆସିଛି। ତେବେ ସେ କାହାରି କୌଣସି କ୍ଷତି କରୁଥିବା ନଜରକୁ ଆସିନାହିଁ। ତାକୁ ବିରକ୍ତ କଲେ ସେ ଆକ୍ରମଣ କରିବାକୁ ଗୋଡ଼ାଉଛି। ଯଦି ହନୁଟି ଉଗ୍ର ହୁଏ, ତେବେ ତାକୁ ଧରିବା ଲାଗି ପଦକ୍ଷେପ ନିଆଯିବ।



ବୁଲାଗୋରୁଙ୍କ ଦୌରାତ୍ମ୍ୟ: ବୁଲାଗୋରୁଙ୍କ ଅକ୍ତିଆରରେ କାମାକ୍ଷାନଗର ରେଙ୍ଗୁଳା ରାମିଆଳ ନଦୀ ବ୍ରିଜ୍। (ଫଟୋ: ଅମ୍‌ଜାଦ)



ସଭାରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକମାନେ।

# 'ଦାବିପୂରଣ ପାଇଁ ଏକାଠି ହୁଅ'

**କାମାକ୍ଷାନଗର, ୧୩।୮ (ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲାସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) କର୍ମଚାରୀ ସଂଘର ଦ୍ୱିତୀୟ ସାଧାରଣ ସଭା କାମାକ୍ଷାନଗର ଜନ୍ତାରିବୋଲସ୍ଥିତ ଓଏଭି ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଏଭି ପାଶ୍ଚାତ୍ୟାଞ୍ଚଳ ଆଞ୍ଚଳିକ ମୁଖ୍ୟ ଅମଳେନ୍ଦୁ ପଣ୍ଡା, ମୁଖ୍ୟବକ୍ତା ଜିଲା ନୋଡାଲ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ କର୍ମଚାରୀଙ୍କୁ ନ୍ୟାଯ୍ୟଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଦାବିପୂରଣ ପାଇଁ ଏକାଠି ହେବା, ସଂଘକୁ ମଜଭୁତ କରିବା ଲାଗି ନୋଡାଲ ଅଧ୍ୟକ୍ଷ ଆହ୍ୱାନ ଦେଇଥିଲେ। ଶିକ୍ଷକ ମାନସ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବା ବେଳେ, କୋଷାଧ୍ୟକ୍ଷା ଏଲିନା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଗୁରୁପଦାରବିନ୍ଦ ରାଉତ, ସୁଶାନ୍ତ ସାହୁ, ବିଶ୍ୱଜିତ୍ ସ୍ୱାଇଁ, ଦେବେନ୍ଦ୍ର ସେନ, ଅଜିତ୍ ମିର୍ଦ୍ଧାଙ୍କ ସମେତ ଜିଲାର ବିଭିନ୍ନ ସ୍ଥାନରେ ଥିବା ଆଦର୍ଶ ବିଦ୍ୟାଳୟର ୪୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

# ଚମକିଲେ ପଞ୍ଚାୟତିରାଜ ହାଇସ୍କୁଲ ଛାତ୍ରୀଛାତ୍ର

**ରାଜ୍ୟସ୍ତରୀୟ ପ୍ରଥମ ମାଟାସୋଗି ଡୋ ଚାମ୍ପିୟନଶିପ୍**

**କାମାକ୍ଷାନଗର, ୧୩।୮ (ସୁଧୀର ପରିଡ଼ା/ଅମଜାଦ୍ ଖାନ୍)**

ଭୁବନେଶ୍ୱର ମାଟାସୋଗି ଡୋ ଆସୋସିଏଶନ ପକ୍ଷରୁ ପ୍ରଥମଥର ଆୟୋଜିତ ୨ଦିନିଆ ରାଜ୍ୟସ୍ତରୀୟ ମାଟାସୋଗି ଡୋ ଚାମ୍ପିୟନଶିପ୍‌ରେ ଚମକିଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତିରାଜ ହାଇସ୍କୁଲର ପ୍ରତିଯୋଗୀ। ସ୍କୁଲର ମୋଟ ୧୩ଜଣ ପ୍ରତିଯୋଗୀ ଏହି ମାର୍ଶଲ ଆର୍ଟ ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିବା ସହ ଦଳଗତ ଭାବେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଆୟୁଷ ଆରିୟାନ୍ ମହାନ୍ତି, ଆଶୀର୍ବାଦ ରାଉତ, ଶୁଭ୍ରଜ୍ୟୋତି, ଦୀପିକା ମାରାଣ୍ଡି, ସ୍ୱର୍ଣ୍ଣପ୍ରଭା ଖୁଣ୍ଟିଆ, ଆର୍. ପର୍‌ବିନ୍ ପ୍ରମୁଖ ସ୍ୱର୍ଣ୍ଣପଦକ ହାତେଇଛନ୍ତି। ସେହିପରି ଲିପ୍‌ସିତା ରାଉତ, ସାଇସ୍ମିତା ସାହୁ, ବି. ଇରମ୍ ପରବିନ୍ ରୌପ୍ୟ ଏବଂ ବିଶ୍ୱଜିତ ଦେହୁରୀ, ସୁଭୀକ୍ଷା ସାହୁ, ସ୍ୱୟଂସୀତା ରାଉଳ, ମୋତିଲାଲ ମହାନ୍ତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଆସୋସିଏଶନର ଯୁଗ୍ମ ସମ୍ପାଦକ ତଥା କୋଚ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ଏହି ସଫଳତା ଅର୍ଜନ କରିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଶୁଭେଚ୍ଛା ଜଣାଇଛନ୍ତି। ପଦକ ବିଜେତା ଛାତ୍ରୀଛାତ୍ରଙ୍କୁ ସ୍କୁଲ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସୁରେଶ ବିଶ୍ୱାଳ, ଧ୍ରୁବଚରଣ ସୁନ୍ଦରାୟ, ବାନାର୍ଜୀ ମହାନ୍ତି, ପ୍ରହ୍ଲାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ପଦକ ବିଜେତା ପ୍ରତିଯୋଗୀମାନେ।

# ଚାରାରୋପଣ କରି ବାଣ୍ଟିଲେ ସଚେତନତା



ତୋରଡ଼ାନାଳି ଉପ୍ରା ବିଦ୍ୟାଳୟରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମ।

**ସାତମାଇଲ/କାମାକ୍ଷାନଗର, ୧୩।୮ (ସୁଶାନ୍ତ ପତି/ଅମଜାଦ୍ ଖାନ୍)**

ଢେଙ୍କାନାଳ ଜିଲା ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଅଶୋକ କୁମାର ସାହୁଙ୍କ ପୌରୋହିତ୍ୟରେ ଶନିବାର 'ମେରି ମାଟି ମେରା ଦେଶ' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ ପ୍ରୋଗାମ ଅଧିକାରୀ ଅଧ୍ୟାପକ ଦୀପକ ରଞ୍ଜନ ବିଶ୍ୱାଳ, ଯୁବ ରେଡ୍‌କ୍ରସ୍ କାଉନ୍‌ସିଲର ଅଧ୍ୟାପକ ବ୍ରଜକିଶୋର ବେହେରାଙ୍କ ତତ୍ତ୍ୱାବଧାନରେ ଶିକ୍ଷାନୁଷ୍ଠାନ ପରିସରରେ ବିଭିନ୍ନ ଔଷଧୀୟ ଚାରା ରୋପଣ କରାଯିବା ସହ ବନୀକରଣ ସମ୍ପର୍କରେ ସଚେତନ କରାଯାଇଥିଲା। ଇତିହାସ ବିଭାଗ ମୁଖ୍ୟ ବିମଳ ପ୍ରଧାନ, ଏନ୍‌ସିସି ଅଫିସର କ୍ୟାପଟେନ ଡ. କିଶୋର କୁମାର ପୃଷ୍ଟି, ଇଂଲିଶ ଅଧ୍ୟାପକ ଦିଲୀପ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଅନୁରୂପ ଭାବେ କଙ୍କଡ଼ାହାଡ଼ ବ୍ଲକ ଝିଲ୍ଲି ପଞ୍ଚାୟତ ତୋରଡ଼ାନାଳି ଉପ୍ରା ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ରୋଜାଲିନ୍ ସାହୁ, ସମ୍ମାନିତ ଅତିଥି ନାଏବ ସରପଞ୍ଚ ସୁଶାନ୍ତ ସାହୁ, ସମିତିସଭ୍ୟ ପ୍ରତିନିଧି ରୁଦ୍ରମୋହନ ପ୍ରଧାନ, ପଞ୍ଚାୟତ ଅଧିକାରୀ ଉତ୍ସବ ସେଠୀ, ଜିଆର୍‌ଏସ୍ ସସ୍ମିତା ପତି, ଏମ୍‌ବିକେ ସସ୍ମିତା ସାହୁ, ଜଳ ବିଭାଜିକା ଅଧିକାରୀ ପ୍ରକାଶ ଚନ୍ଦ୍ର ଘଡ଼େଇ, ଫରେଷ୍ଟର ଝରଣା ନାୟକ, ଗାର୍ଡ ବେବିନା ଖୁଣ୍ଟିଆ, ସଞ୍ଜୟ ସେନାପତି, ରଞ୍ଜନ ବେହେରା, ଦୀପୁନ ସାହୁ, ଗୁରୁ ବେହେରା, ମେଘ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ହତା, ପାଚେରି କଡ଼ରେ ଆମ୍ବ, ପଣସ ପିସ୍ତାବାଦାମ, ଅଁଳା, ବାହାଡ଼ା ଆଦି ପ୍ରଜାତିର ଚାରାରୋପଣ କରାଯାଇଥିଲା।

# ଚୋରା କୋଇଲା ଜବତ: ୩ ଗିରଫ

**ଅନୁଗୋଳ, ୧୩।୮ (ଅମିତ ସାମଲ)**

କୋଇଲା ଚୋରା ଚାଲାଣ ବେଳେ ଅନୁଗୋଳ ଜିଲା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୩ଟି ନମ୍ବରବିହୀନ ସ୍କୁଟର ଜବତ କରାଯାଇଛି। ଏ ନେଇ ଥାନାରେ ୩୦୨/୨୩, ୩୦୩/୨୩, ୩୦୪/୨୩ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କୋଲିୟରୀ ଥାନା ଅନ୍ତର୍ଗତ ହାଣ୍ଡିଧୁଆ ଅଞ୍ଚଳର ସର୍ବେଶ୍ୱର ସାହୁ (୩୬)। ସେ ତାଳଚେରରୁ ଗୋତମରାରୁ ଚୋରାରେ କୋଇଲା ଆଣୁଥିବାବେଳେ ଧରାପଡ଼ିଥିଲେ। ଅନୁରୂପ ଭାବେ ସନ୍ତ୍ରୀ ଛକରୁ ପ୍ରକାଶ ନାଏକ (୩୬) ଏବଂ ବଅଁରପାଳ କଲେଜ ଛକ ନିକଟରେ ଦିଲୁ ସାହୁ (୩୮)କୁ ପୋଲିସ ଗିରଫ କରିଛି। ଜିଲାରେ ଦିନକୁ ଦିନ କୋଇଲା ଚୋରା ଚାଲାଣ ବଢିବା ଚିନ୍ତାଜନକ ହୋଇଛି। ଏହାକୁ ରୋକିବାକୁ ଦାବି ହୋଇଛି।

# ବ୍ୟବସାୟିକ ସୁସମ୍ପର୍କକୁ ଗୁରୁତ୍ୱ

**କାମାକ୍ଷାନଗର, ୧୩।୮ (ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଔଷଧ ବ୍ୟବସାୟୀ ସଂଘର ଏକ ଜରୁରୀ ବୈଠକ ରବିବାର ଅପରାହ୍ନରେ ଦାସୀପୋଖରୀସ୍ଥିତ ନିଗମ ନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ସଞ୍ଜୀବ କିଶୋର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଉପସଭାପତି ସୁବାସ ଚନ୍ଦ୍ର ନାୟକ ସଭାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ଏକତା, ରୋଗୀ କଲ୍ୟାଣ ସମିତିରେ ସଂଘ ସଦସ୍ୟଙ୍କୁ ସାମିଲ କରିବା, ପରସ୍ପର ମଧ୍ୟରେ ବ୍ୟବସାୟିକ ସୁସମ୍ପର୍କ ରଖିବା, ରୋଗୀଙ୍କୁ ଉପଯୁକ୍ତ ଔଷଧ ପ୍ରଦାନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପାଦକ ଖଗେଶ୍ୱର ଭୂତିଆ, ସହସମ୍ପାଦକ ମାନସ ରଞ୍ଜନ ପାଣି, କୋଷାଧ୍ୟକ୍ଷ ରାମକୃଷ୍ଣ ବିଶ୍ୱାଳ, ଉପଦେଷ୍ଟା ପ୍ରତାପ ସାହୁ, ଦେବୀପ୍ରସାଦ ସାହୁ, ଅଜୟ ଲେଙ୍କା, ରମାକାନ୍ତ ଦେହୁରୀ, ଜିତେନ୍ଦ୍ର ଦାସ, ରମାକାନ୍ତ ସାମଲ, ବିଦ୍ୟାଧର ସାହୁ, ଉପେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଔଷଧ ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ।

# ପରମ୍ପରା, ପରିବର୍ତ୍ତନ ପ୍ରଗତିର ଆଧାର

**ଢେଙ୍କାନାଳ, ୧୩।୮ (ରତନ ନାୟାର)**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ 'ଆଜାଦୀ କା ଅମୃତ ମହୋତ୍ସବ' ନିମନ୍ତେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ଆଣ୍ଡ କଲଚରାଲ୍ ଷ୍ଟଡିଜ୍ ଆନୁକୂଲ୍ୟରେ ଭାରତର ସ୍ୱାଧୀନତା ସଂଗ୍ରାମର ଅନାଲୋଚିତ ସଂଗ୍ରାମୀଙ୍କ ଉପରେ ଏକ ଜାତୀୟ ସୋପାନ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନକୁ ଭୂୟସୀ ପ୍ରଶଂସା କରି ଭାରତର ସ୍ୱାଧୀନତା ସଂଗ୍ରାମରେ ଭାରତୀୟଙ୍କ ଅବଦାନକୁ ଅବତାରଣା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ. ଅନିରୁଦ୍ଧ ଖିଲାର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ଐତିହାସିକ ତଥା ସ୍ୱାଧୀନତା ସଂଗ୍ରାମୀ ଭୈରବ ଚନ୍ଦ୍ର ମହାନ୍ତିଙ୍କ ପୁତ୍ର ପ୍ରଫେସର ଡ. ଖାରବେଳ ମହାନ୍ତି ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ମହାତ୍ମା ଗାନ୍ଧିଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ। ପରମ୍ପରା ସହ ପରିବର୍ତ୍ତନକୁ ଗ୍ରହଣ କଲେ ସମାଜର ପ୍ରଗତି ସମ୍ଭବ ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନିତ ବକ୍ତା ଭାବେ ପ୍ରଫେସର ଡ. ଭବାନୀ ଶଙ୍କର ମିଶ୍ର ଯୋଗଦେଇ ଭାରତର ଅନାଲୋଚିତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ବୈଷ୍ଣବ ପଟ୍ଟନାୟକଙ୍କ ପୁତ୍ର ଚିତ୍ତରଞ୍ଜନ ପଟ୍ଟନାୟକ, ଆଇଏସ୍‌ସିଏସ୍‌ର ଜିଲା ସଂଯୋଜକ ସୁଚିତ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ସୁରେଖା ବଳିୟାର୍‌ସିଂ ମାନପତ୍ର ପାଠ କରିଥିବାବେଳେ ଡ. ସୌମ୍ୟା ନନ୍ଦ ପୁରସ୍କାର ବିତରଣ କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ର ଉପସ୍ଥିତ ଅତିଥିଙ୍କ ସମେତ ଛାତ୍ରୀମାନେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-032023-IPMPLS, ତା.11.08.2023ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ LAN ଇନ୍‌ଫ୍ରା, VoIP ଭିତ୍ତିକ କଣ୍ଟ୍ରୋଲ କମ୍ୟୁନିକେଶନ ଏବଂ IP-MPLS ଭିତ୍ତିକ ନେଟୱାର୍କକୁ ନେଇ ଗଠିତ ସମନ୍ୱିତ ଯୋଗାଯୋଗ ଭିତ୍ତିଭୂମିର କାର୍ଯ୍ୟାନ୍ୱୟନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 42,39,14,361.87, EMD (₹) : 22,69,600/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.09.2023ରିଖ 1030 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ (P), ଭୁବନେଶ୍ୱର
PR-53/CG/23-24

## ମୋବାଇଲ ଚୋରି ଅଭିଯୁକ୍ତ ଗିରଫ

ଅନୁଗୋଳ, (ଅମିତ ସାମଲ): ଅନୁଗୋଳ ଜିଲା କୋଲିୟରୀ ଥାନା ଜଗନ୍ନାଥପୁର ଅଞ୍ଚଳର ଦୁଷ୍ମନ୍ତ ନାଏକଙ୍କ ମୋବାଇଲ ଫୋନ୍ ଚୋରି ଅଭିଯୋଗରେ ପୋଲିସ ଶର୍ମାଛକ ଦେଉଳବେଡ଼ା ଅଞ୍ଚଳର ରାଜକିଶୋର ଦାସ (୨୨)ଙ୍କୁ ଗିରଫ କରିଛି। ଗତ ୮ ତାରିଖରେ ଜଗନ୍ନାଥପୁର ଛକରେ ଦୁଷ୍ମନ୍ତ ଛିଡ଼ା ହୋଇଥିବାବେଳେ ୨ଜଣ ବ୍ୟକ୍ତି ବାଇକ୍‌ରେ ଆସି ଜରୁରୀ କଥା ଥିବା କହି ଫୋନ୍ ମାଗିଥିଲେ। ଦୁଷ୍ମନ୍ତ ମୋବାଇଲ ଦେବା ପରେ ସେମାନେ ଚମ୍ପଟ ମାରିଥିଲେ। ଜଣେ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଥିବାବେଳେ ରାଜକିଶୋର ଫେରାର ହୋଇଯାଇଥିଲେ।



**ସଂକ୍ଷେପରେ**

## ଗଣ୍ଡଗୋଳ ଘଟଣାରେ ଜଣେ ଗିରଫ

ଅନୁଗୋଳ, ୧୩।୮ (ଅମିତ ସାମଲ)

ଅନୁଗୋଳ ଥାନା ଗୀତାଗ୍ରାମ ଅଞ୍ଚଳରେ ଜଣେ ମହିଳାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ରାଣୀଗୁଡ଼ା ଅଞ୍ଚଳର ପ୍ରକାଶ ଦେହୁରୀ (୫୩)ଙ୍କୁ ଗିରଫ କରିଛି। ଏହାପରେ ଗିରଫଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ପୋଲିସ ସୂଚନା ଅନୁଯାୟୀ, ଗତ ଜୁନ୍‌ରେ ଗୀତାଗ୍ରାମ ଅଞ୍ଚଳର ପଦ୍ମଚରଣ ମହାପାତ୍ରଙ୍କ ଘର କାର୍ଯ୍ୟ ଚାଲିଥିବାବେଳେ ରାଣୀଗୁଡ଼ାର କେତେଜଣ ମହିଳା, ଯୁବକ ଆସି ବିରୋଧ କରିଥିଲେ। ପଦ୍ମଚରଣଙ୍କ ଭଉଣୀ ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୂର୍ବରୁ ୨ଜଣ ଗିରଫ ହୋଇଥିଲେ। ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

**ଓ.ପି. ଜିନ୍ଦଲ କପ୍ ଫୁଟ୍‌ବଲ**

# ବାଗେଡ଼ିଆ ବିଜୟୀ ଘୋଷିତ

■ଫାଉଲ୍ ନିଷ୍ପତ୍ତି ବିରୋଧରେ ପଡ଼ିଆ ଛାଡ଼ିଲେ ମା' ବୁଢ଼ୀ କ୍ଲବ ଖେଳାଳି

■ରେଫରିଙ୍କୁ ଠେଲାପେଲା ଅଭିଯୋଗ

ଅନୁଗୋଳ, ୧୩।୮ (ଅମିତ ସାମଲ)

ଅନୁଗୋଳ ପିଟିସି ପଡ଼ିଆରେ ଚାଲିଥିବା ଓ.ପି. ଜିନ୍ଦଲ କପ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଉତ୍କଣ୍ଠାପୂର୍ଣ୍ଣ ମ୍ୟାଚ୍‌ରେ ବାଗେଡ଼ିଆ ଏକାଦଶ ବିଜୟୀ ହୋଇଛି। ରେଫରିଙ୍କ ଫାଉଲ୍ ନିଷ୍ପତ୍ତିକୁ ବିରୋଧ କରି ମା' ବୁଢ଼ୀ କ୍ଲବର ଖେଳାଳି ପଡ଼ିଆ ଛାଡ଼ିଦେବା ପରେ ବାଗେଡ଼ିଆକୁ ବିଜୟୀ ଘୋଷିତ କରାଯାଇଥିଲା।

ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧ ଅର୍ଥାତ୍ ଖେଳ ସରିବାର ୮ ମିନିଟ୍ ପୂର୍ବରୁ ଫଳାଫଳ ୧-୧ରେ ସୀମିତ ରହିଥିଲା। ବାଗେଡ଼ିଆର ଜଣେ ଖେଳାଳିଙ୍କୁ ମା' ବୁଢ଼ୀ କ୍ଲବର ଜଣେ ଖେଳାଳି ଗୋଲପୋଷ୍ଟ ନିକଟରେ ଫାଉଲ ମାରିଥିଲେ। ମ୍ୟାଚ ରେଫରି ଶ୍ରୀମୁଖ ଗଡ଼ନାୟକ ଅନୁଗୋଳ ବିପକ୍ଷରେ ପେନାଲ୍‌ଟି ଦେଇଥିଲେ। ତେବେ ଏହାକୁ ମା' ବୁଢ଼ୀ କ୍ଲବର ଖେଳାଳି ବିରୋଧ କରି ନିଷ୍ପତ୍ତି ବଦଳାଇବାକୁ ଦାବି କରିଥିଲେ। ହେଲେ ଦାବିକୁ ରେଫରି ନାକଚ କରିଦେବାରୁ ବୁଢ଼ୀ କ୍ଲବର ଖେଳାଳିମାନେ ଆକ୍ରୋଶମୂଳକ ଭାବେ ରେଫରିଙ୍କୁ ଠେଲାପେଲା କରିଥିଲେ। ପରିସ୍ଥିତି ଏମିତି ହୋଇଥିଲା ଯେ, ଆୟୋଜକଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ପଡ଼ିଥିଲା। ତଥାପି ବୁଢ଼ୀ କ୍ଲବର ଖେଳାଳିମାନେ ପଡ଼ିଆ ଛାଡ଼ି ପଳାଇଥିଲେ। ଏହାପରେ ଦର୍ଶକମାନେ ହୋ ହଲ୍ଲା କରିଥିଲେ। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ମ୍ୟାଚ୍‌ର ଫଳାଫଳ ଘୋଷଣା ହୋଇ ନ ଥିଲା। ମ୍ୟାଚ ରେଫରି ଓ ମ୍ୟାଚ କମିଶନରଙ୍କ ରିପୋର୍ଟ ପରେ ବାଗେଡିଆକୁ ବିଜୟୀ ଘୋଷିତ କରାଯାଇଥିଲା।

ଅନ୍ୟପଟେ ଗଣ୍ଡଗୋଳ କରିଥିବା ଖେଳାଳିଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ତାହା ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜାତୀୟ ଭଲିବଲ୍ ଖେଳାଳି ଶରତ କୁମାର ପାଣି, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଡ. ଗୌରଗୋବିନ୍ଦ ସାମନ୍ତ, ବରିଷ୍ଠ ସଦସ୍ୟ କିଶୋର କର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ମ୍ୟାଚ୍ କଟକ ସ୍ପୋର୍ଟସ ହଷ୍ଟେଲ ଓ ଢେଙ୍କାନାଳ ମଧ୍ୟରେ ଖେଳାଯିବ।



ବାଗେଡ଼ିଆ ଓ ଅନୁଗୋଳ ମା' ବୁଢ଼ୀ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଦୃଶ୍ୟ।

# ଲକ୍ଷ୍ମୀପୂଜାରେ ପାଲଲହଡ଼ା କପ୍ ଫୁଟ୍‌ବଲ

ପାଲଲହଡ଼ା, ୧୩।୮ (ଦିବ୍ୟଜ୍ୟୋତି ଦାଶ)

ଆସନ୍ତା ଲକ୍ଷ୍ମୀପୂଜା ସମୟରେ ପାଲଲହଡ଼ାଠାରେ ୩୫ତମ ସର୍ବଭାରତୀୟ ପାଲଲହଡ଼ା କପ୍ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସ୍ଥାନୀୟ ଷ୍ଟାଡିୟମ୍‌ରେ ଆୟୋଜିତ ହେବାକୁ ଥିବା ଏହି ଜାତୀୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ରବିବାର ଏକ ପ୍ରସ୍ତୁତି ବୈଠକ ସୁଧାଂଶୁ କପରଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ମୁକେଶ କୁମାର ପାଲ ଯୋଗଦେଇଥିଲେ। ପାଲଲହଡ଼ାର ଗଣପର୍ବ ମା' ଲକ୍ଷ୍ମୀଙ୍କ ପୂଜା ସମୟରେ ବଛା ବଛା ୮ ଦଳକୁ ନେଇ ପାଲଲହଡ଼ା କପ୍ ଫୁଟ୍‌ବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଟୁର୍ନାମେଣ୍ଟ ସୁପରିଚାଳନା ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ବିଷ୍ଣୁ ପ୍ରସାଦ ଦାସ, ଉପସଭାପତି ନରେନ୍ଦ୍ର ଭୁକ୍ତା, ସମ୍ପାଦକ ଅଭୟ ନାଏକ, ଯୁଗ୍ମ ସମ୍ପାଦକ ବାବୁଲି ବେହେରା କୋଷାଧ୍ୟକ୍ଷ ହରିହର ପାଣିଙ୍କୁ ଚୟନ କରାଯାଇଥିଲା ଆୟୋଜକ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ବୈଠକରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ଆଞ୍ଚଳିକବାଦରୁ ଊର୍ଦ୍ଧ୍ୱକୁ ଉଠିବାକୁ ଆହ୍ୱାନ

ତାଳଚେର, ୧୩।୮ (ମନୋଜ ନନ୍ଦ)

ତାଳଚେର ସାଉଥ୍ ବଲଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟରେ ବସୁଧୈବ କୁଟୁମ୍ବକମ୍ ମିଶନ, କଟକ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବଳଭଦ୍ର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମିଶନ ସଭାପତି ଭାଗୀରଥି ସାହୁ, ଉପସଭାପତି ତଥା ହାଇଟେକ୍ ମେଡିକାଲ କଲେଜର ପ୍ରଫେସର ଡାକ୍ତର ଏ.କେ. ମିଶ୍ର ଏବଂ ସ୍ୱନାମଧନ୍ୟ ଭାଷ୍ୟକାର ପଣ୍ଡିତ ଶରତ ଚନ୍ଦ୍ର ରଥ, ଗଡ଼ତଳ ଆଞ୍ଚଳିକ ମହାବିଦ୍ୟାଳୟ ଅଧ୍ୟକ୍ଷ ନରେନ୍ଦ୍ର ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ସଂକୀର୍ଣ୍ଣ ଆଞ୍ଚଳିକବାଦରୁ ଊର୍ଦ୍ଧ୍ୱକୁ ଉଠି ମାନବବାଦକୁ ଗୁରୁତ୍ୱ ଦେବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

ଅଧ୍ୟକ୍ଷ ଜେନା ଜଗତୀକରଣ ଯୁଗରେ ଅନ୍ତର୍ଜାତୀୟତାବାଦର ଗୁରୁତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏନ୍‌ଏସ୍‌ଏସ୍, ରୋଭର ରେଞ୍ଜର ବିଭାଗ ଯୁବ ବିଭାଗ, ଆଭ୍ୟନ୍ତରୀଣ ଗୁଣବତ୍ତା ପ୍ରକୋଷ୍ଠ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପକ ଏବଂ କର୍ମଚାରୀ ଯୋଗଦେଇଥିଲେ। ଅଧ୍ୟାପକ ସୁମନ୍ତ ମାଝି ସଭାକାର୍ଯ୍ୟ ପରିଚାଳନା କରିଥିଲେ ଏବଂ ଏନ୍‌ଏସ୍‌ଏସ୍ ଅଧିକାରୀ ମଧୁମିତା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀ ଦୁଃଶାସନ ସାହୁ, ରମେଶ ଜେନା, ବିଭୂତି ଭୂଷଣ ମହାନ୍ତି, ଅରୁଣ ପ୍ରଧାନ, ସୁନୀଲ ଭୁକ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଭାଜପାର ମିଶ୍ରଣ ପର୍ବ



ମିଶ୍ରଣ ପର୍ବରେ ଭାଜପା ନେତୃବୃନ୍ଦଙ୍କ ଗହଣରେ ଦଳରେ ସାମିଲ ହୋଇଥିବା ଅନ୍ୟ ଦଳର କର୍ମୀ।

ଅନୁଗୋଳ, ୧୩।୮ (ଅମିତ ସାମଲ)

ଅନୁଗୋଳ ରାଣୀଗୋଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟରେ ରବିବାର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ମୋଦି ସରକାରଙ୍କ ବିକାଶମୂଳକ କାର୍ଯ୍ୟ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କାର୍ଯ୍ୟଦକ୍ଷତାରେ ପ୍ରଭାବିତ ହୋଇ ରନ୍ତଲେଇ ପଞ୍ଚାୟତର ବହୁ ବିଜେଡି କର୍ମୀ ଭାଜପାରେ ଯୋଗଦେଇଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱକୁ ସେମାନେ ସମର୍ଥନ ଜଣାଇଛନ୍ତି।

ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଅନୁଗୋଳ ବିଧାନସଭା ପ୍ରଭାରୀ ଯଯାତି ପଟ୍ଟନାୟକ, ସଂଯୋଜକ ଦିଲୀପ ଦାସ, ଦିଲୀପ ପ୍ରଧାନ, ଉପନଗରପାଳ ଅନୁପମା ସାହୁ, ଜିଲା ସମ୍ପାଦକ ପ୍ରଭାତ ପ୍ରଧାନ, ଅମୃତ ରଞ୍ଜନ ସାଇଁ, ଅମିୟ ତ୍ରିପାଠୀ, ନାରୀ ନେତ୍ରୀ ପ୍ରତିମା ମିଶ୍ର, ସୁଜାତା ଦାସ, ଶୁଚିସ୍ମିତା ତ୍ରିପାଠୀ, ସ୍ମିତା ପଟ୍ଟନାୟକ, କାଉନସିଲର କୈଳାସ ପ୍ରଧାନ, ସ୍ନେହଲତା ମହାରଣା, ପ୍ରଜ୍ଞା ଦାସ, ସରିତା ମିଶ୍ର, ପ୍ରଶାନ୍ତ ପୃଷ୍ଟି, ମଣ୍ଡଳ ସଭାପତି ଅଖିଳ ସାମଲ, ବନ୍ତଲା ମଣ୍ଡଳ ସଭାପତି ଅମୂଲ୍ୟ ପ୍ରଧାନ, ପୂର୍ବତନ ସରପଞ୍ଚ ସନ୍ତୋଷ ସେଠୀ, ପ୍ରମୋଦ ବେହେରା, ବାଙ୍କନିଧି ବେହେରା, ସୁଜିତ ସାହୁ, ଅଶୋକ ଧୀର, ଭଗୋବେରେଣୀ ସରପଞ୍ଚ ଚାପଲିନ୍ ସାହୁ, ସୂର୍ଯ୍ୟକାନ୍ତ ରାଉତ, ପଵନ ମାଣ୍ଡୋଠିଆ, ବାବୁଲି ନାଏକ, ଗଡତରାଶ ସରପଞ୍ଚ ସତ୍ୟଜିତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ୧ରୁ ରାମଚଣ୍ଡୀଙ୍କ ବାର୍ଷିକ ଯାତ୍ରା

ଛେଣ୍ଡିପଦା, ୧୩।୮ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ କୋଶଳାର ମା' ରାମଚଣ୍ଡୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୧ରେ ଏହି ପୂଜା ଅନୁଷ୍ଠିତ ହେବ। ଏହା ୪ ଦିନ ଧରି ଚାଲିବ। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମା' ରାମଚଣ୍ଡୀ ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ, ମାନ୍ୟଗଣ୍ୟ ବ୍ୟକ୍ତି, ରାମଚଣ୍ଡୀ ସେବା ସଂଘ ସଦସ୍ୟ, ବିଭିନ୍ନ ସଂଘ ଓ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ। କିଭଳି ଶାନ୍ତିଶୃଙ୍ଖଳାର ଯାତ୍ରା ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ସେହିପରି ଯାତ୍ରାପଡିଆରେ ଅସ୍ଥାୟୀ ଦୋକାନ ଗୃହ ଆବଣ୍ଟନ, ପାନୀୟ ଜଳ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କୋଶଳା ଗ୍ରାମ ସଭାପତି ବ୍ରଜକିଶୋର ସାହୁ, ଟ୍ରଷ୍ଟ ବୋର୍ଡ ସଭାପତି ଉଦିତ କୁମାର ପ୍ରଧାନ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ବିଧାୟକଙ୍କ ସମେତ ଅନ୍ୟମାନେ।

# ବନ୍ଧା ହେଲେ ସାବତ ମା', ବାପା

**ନିର୍ଯ୍ୟାତିତ ନାବାଳକ ଉଦ୍ଧାର ଘଟଣା**

ଛେଣ୍ଡିପଦା, ୧୩।୮ (ଅଜିତ ଧଳ)

ସାବତ ମା' ଏବଂ ବାପାଙ୍କ ଦ୍ୱାରା ନିର୍ଯ୍ୟାତନାର ଶିକାର ହୋଇଥିବା ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ହାଟିଆନାଳି ଗ୍ରାମର ଜଣେ ନାବାଳକଙ୍କୁ ଚାଇଲ୍ଡ ଲାଇନ ଶନିବାର ଉଦ୍ଧାର କରିଥିଲା। ଏହି ଘଟଣାରେ ଅଭିଯୁକ୍ତ ସାବତ ମା' ମଞ୍ଜୁ ପଧାନ ଏବଂ ବାପା ସୁବାସ ପଧାନଙ୍କୁ ରବିବାର ପୋଲିସ ଗିରଫ କରିଛି। ଏ ନେଇ ନାବାଳକଙ୍କ ଅଜା ରଷି ପଧାନଙ୍କ ଅଭିଯୋଗ ଅନୁଯାୟୀ ଥାନାରେ ନଂ. ୩୩୮/୨୩ରେ ଏକ ମାମଲା ରୁଜୁ କରାଯାଇଥିଲା। ପୋଲିସ ସୂଚନା ଅନୁଯାୟୀ, ନାବାଳକଙ୍କ ମା' ଘର ଛାଡ଼ି ଚାଲିଯିବା ପରେ ବାପା ସୁବାସ ଦ୍ୱିତୀୟ ବିବାହ କରିଥିଲେ। ସାବତ ମା' ମଞ୍ଜୁଙ୍କ ପ୍ରରୋଚନାରେ ସୁବାସ ପୁଅଙ୍କୁ ଅକଥନୀୟ ନିର୍ଯ୍ୟାତନା ଦେଉଥିଲେ। ଏପରି କି ରଶିରେ ବାନ୍ଧି ୪ ସ୍ଥାନରେ ଚେଙ୍କ ଦେଇଥିଲେ। ଏ ସଂକ୍ରାନ୍ତରେ କୌଣସି ସୂତ୍ରରୁ ସୂଚନା ପାଇବା ପରେ ଅନୁଗୋଳ ଚାଇଲ୍ଡଲାଇନ ଛେଣ୍ଡିପଦା ପୋଲିସ ସହାୟତାରେ ନାବାଳକଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟିରେ ହଜାର କରିଥିଲା। ତାଙ୍କୁ ଉତ୍କଳ ବାଳାଶ୍ରମରେ ଥଇଥାନ କରାଯାଇଛି। ଅନ୍ୟପଟେ ନାବାଳକଙ୍କ ଅଜା ରଷି ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନାତିକୁ ଜୀବନରେ ମାରିଦେବାକୁ ସମ୍ପୃକ୍ତ ଦମ୍ପତି ଉଦ୍ୟମ କରିଥିବା ସେ ଏଥିରେ ଉଲ୍ଲେଖ କରିଥିଲେ।

# କ୍ଷତ୍ରିୟଙ୍କ କଲ୍ୟାଣ ପାଇଁ ଦାବି କରାଯିବ

ବଁଅରପାଳ, ୧୩।୮ (ଉପେନ୍ଦ୍ର ରାଉତ)

ବଳରାମପ୍ରସାଦ ବରିଷ୍ଠ ନାଗରିକ କେନ୍ଦ୍ରଠାରେ ଶନିବାର ରାଷ୍ଟ୍ରୀୟ କ୍ଷତ୍ରିୟ ମହାସଂଘର ଏକ୍‌ଜୁଟ୍ ବୈଠକ ରାଷ୍ଟ୍ରୀୟ ମହାସଂଘ ନିର୍ଦ୍ଦେଶିକା ପଦ୍ମାକ୍ଷୀ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଉପଦଳପତି ସଂଗ୍ରାମ କେଶରୀ ଗଜରାଜ ସିଂ, ସମ୍ମାନିତ ଅତିଥି ଗୋପାଳପ୍ରସାଦ ଅଞ୍ଚଳର ଡିଲେଶ୍ୱର ସାମଲ, ସୁବଳ ସାମଲ, ଗଗନ ବିହାରୀ ଗଡ଼ନାୟକ, ବସନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଷୋତ୍ତମ ସିଂ, କୃତାର୍ଥ ସିଂ, ସୁଦୀପ୍ତ ଗଡ଼ନାୟକ ପ୍ରମୁଖ କ୍ଷତ୍ରିୟ ସମାଜ ମଙ୍ଗଳ ପାଇଁ ସରକାରଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନା କରାଯିବ ବୋଲି କହିଥିଲେ। ବୈଠକରେ ବଳରାମପ୍ରସାଦ ପଞ୍ଚାୟତରୁ ପ୍ରାୟ ୫୦ ଜଣ କ୍ଷତ୍ରିୟ ଉପସ୍ଥିତ ଥିଲେ। ବିପିନ ବିହାରୀ ସିଂ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ କ୍ଷତ୍ରୀୟ ମହାସଂଘ କାର୍ଯ୍ୟକର୍ତ୍ତାମାନେ।

# ଶ୍ରମିକମାନେ ଦେଶର ମେରୁଦଣ୍ଡ

ବଇଣ୍ଡା, ୧୩।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଆମ୍ବସରମୁଣ୍ଡା ସରକାରୀ ବିଦ୍ୟାଳୟ ପରିସରରେ ଶ୍ରମ ବିଭାଗ ପକ୍ଷରୁ ରବିବାର ଶ୍ରମକାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମ ଅଧିକାରୀ ଇତିଶ୍ରୀ ଗାଇଗରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ୨୫୦ ଶ୍ରମିକଙ୍କୁ କାର୍ଡ ପ୍ରଦାନ କରିଥିଲେ। ଏଥିସହ ୧୬୦ ଜଣଙ୍କୁ ୮୧ ଲକ୍ଷ ୨୪ ହଜାର ୪୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂ, ଆମ୍ବସରମୁଣ୍ଡା ସରପଞ୍ଚ ସସ୍ମିତା ସେଠୀ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ସମିତିସଭ୍ୟ ଭଜମନ ସେଠୀ, ବିଜେଡି ନେତା ଜେନାମଣି ପ୍ରଧାନ, ଜିଲା ସହକାରୀ ଶ୍ରମ ଅଧିକାରୀ ଦେବୀପ୍ରସାଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଶ୍ରମିକମାନେ ଦେଶର ମେରୁଦଣ୍ଡ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।



ବିଧାୟକ ଶ୍ରମିକମାନଙ୍କୁ କାର୍ଡ ବଣ୍ଟନ କରୁଛନ୍ତି।

# କେନ୍ଦୁପତ୍ର ବୋଝେଇ ଭ୍ୟାନ ଜବତ



ବନ ବିଭାଗ ଦ୍ୱାରା ଜବତ କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍ ଭ୍ୟାନ୍।

ବଇଣ୍ଡା, ୧୩।୮ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ସାନରୋହିଲା ଛକରେ ଶନିବାର ରାତିରେ ବନ ବିଭାଗ ଚଢ଼ାଉ କରି ଏକ ଚୋରା କେନ୍ଦୁପତ୍ର ବୋଝେଇ ପିକ୍‌ଅପ ଭ୍ୟାନ୍ (ନଂ. ଓଡ଼ି ୦୨-ସିଜି ୯୫୨୨) ଜବତ କରିଛି। ଏହି ଘଟଣାରେ ଅନୁଗୋଳ ସଦର ଥାନା ଜରାସିଂହା ଗ୍ରାମର ଅଶୋକ କୁମାର ସିଂଙ୍କୁ ଗିରଫ କରାଯାଇଛି। ଜବତ ଗାଡ଼ିରୁ ୧୪୫ ବଣ୍ଡଲ କେନ୍ଦୁପତ୍ର ଜବତ ହୋଇଛି। ଘଟଣାରୁ ଜଣାପଡ଼ିଛି, ଉକ୍ତ ପିକଅପ୍ ଭ୍ୟାନ୍‌ରେ ଚୋରା କେନ୍ଦୁପତ୍ର ବୋଝେଇ କରି ଅନୁଗୋଳ ଚାଲାଣ କରାଯାଉଥିଲା। କୌଣସି ସୂତ୍ରରୁ ସୂଚନା ପାଇ ସାନରୋହିଲା ଛକଠାରେ ବାମୁର ରେଞ୍ଜର ସରୋଜ କୁମାର ମିଶ୍ର, ଫରେଷ୍ଟର ସୁରେନ୍ଦ୍ର ପାତ୍ର, ଲିଙ୍ଗରାଜ ବେହେରା ପ୍ରମୁଖ ଚଢ଼ାଉ କରିଥିଲେ।

# 'ଜାତିର ଏକତା ନିମନ୍ତେ କାର୍ଯ୍ୟ କରାଯିବ'

ତାଳଚେର, ୧୩।୮ (ମନୋଜ ନନ୍ଦ)

ସାଉଥ୍‌ବଲଣ୍ଡା ସ୍ଥିତ ଜଗନ୍ନାଥ କଳାକେନ୍ଦ୍ରଠାରେ ରବିବାର ଜିଲା ହାଡ଼ି ସମାଜ ସେବା ସଂଘ ଅନୁଗୋଳ ଗଠିତ ହୋଇଛି। ଜାତିର ଏକତା, ସାମାଜିକ ପରିବର୍ତ୍ତନ ଓ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଲକ୍ଷ୍ୟ ନେଇ ଏହି ସଂଘ ଗଠନ କରାଯାଇଛି। ନୂତନ ସଭାପତି ଭାବେ ଅଜୟ ଗୋଚ୍ଛାୟତ, ସମ୍ପାଦକ ରାମଚନ୍ଦ୍ର ଗୋଚ୍ଛାୟତ, ଉପସଭାପତି ଶଙ୍କର ମୁଖୀ, ସହ ସମ୍ପାଦକ ବିଜୟ କୁମାର ଗୋଚ୍ଛାୟତ, ସୁଜିତ୍ ଗୋଚ୍ଛାୟତ, ସତ୍ୟାନନ୍ଦ ଗୋଚ୍ଛାୟତ, ଗୋପାଳ ଗୋଚ୍ଛାୟତ, ଉପଦେଷ୍ଟା କନ୍ଦର୍ପ ଗୋଚ୍ଛାୟତ, ଲକ୍ଷ୍ମଣ ଗୋଚ୍ଛାୟତ, ଟିକନ ଗୋଚ୍ଛାୟତଙ୍କୁ ଚୟନ କରାଯାଇଛି। ବରିଷ୍ଠ ନେତୃମଣ୍ଡଳୀ ଭାବେ ବୈରାଗୀ ଗୋଚ୍ଛାୟତ, ଶଙ୍କର ଗୋଚ୍ଛାୟତ, ମିଥୁନ ଗୋଚ୍ଛାୟତ, ସନ୍ତୋଷ ବେହେରା, ଦୁଃଖିଆ ଗୋଚ୍ଛାୟତ, ରଞ୍ଜନ ମୁଖୀ, ପୀତବାସ ଗୋଚ୍ଛାୟତ, ଶିବସାଗର ଗୋଚ୍ଛାୟତଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ଜାତିର ଏକତା ନିମନ୍ତେ କାର୍ଯ୍ୟ କରାଯିବ ବୋଲି ସଭାପତି ଅଜୟ ସୂଚନା ଦେଇଛନ୍ତି।



ବୈଠକରେ ଉପସ୍ଥିତ ସଂଘର ସଦସ୍ୟମାନେ।

# ୧୯ ପ୍ରକଳ୍ପ ପ୍ରଦର୍ଶିତ

ମାଧପୁର, ୧୩।୮ (ମନୋଜ ପ୍ରଧାନ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଚତୁର୍ଥରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଏବଂ ଶିଶୁବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ମୋଟ୍ ୧୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କମ୍ପଲା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବଳରାମ ସାହୁ ଏବଂ ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ ପାଢ଼ୀ ବିଚାରକ ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜକିଶୋର ବିଶ୍ୱାଳ, ଉପସଭାପତି ରାମଚନ୍ଦ୍ର କର୍ଣ୍ଣ, ଅଂଶୁମାନ ଦେହୁରୀ, ସୁଗିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁମା ସୁଦେଷ୍ଣା ସାହୁ ଧନ୍ୟବାଦ ଦେଇଥିଲେ। ଶିଶୁମାନଙ୍କ ମଧ୍ୟରେ ସୃଜନଶୀଳ ଶକ୍ତି ବୃଦ୍ଧି କରିବା ଲାଗି ଏଭଳି ଜ୍ଞାନବିଜ୍ଞାନ ମେଳା ସହାୟକ ହେଉଛି ବୋଲି ମତ ପ୍ରକାଶ ପାଇଥିଲା। ସେହିପରି ଶିଶୁବାଟିକା ବିଭାଗର ମାତୃ କର୍ମଶାଳାରେ ବଇଣ୍ଡା ସଙ୍କୁଳର ସଙ୍କୁଳ ଶିଶୁ ବାଟିକା ପ୍ରମୁଖ ଅନ୍ନପୂର୍ଣ୍ଣା ରାଉତ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିଶୁ ବାଟିକା ପ୍ରମୁଖ ନମିତା ପ୍ରଧାନଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ। ଆଚାର୍ଯ୍ୟ ବିକାଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

